## ପିଇଓଙ୍କ ଆକସ୍ମିକ ମୃତ୍ୟୁ

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ଏବଂ ଆମ୍ବଗଡ଼ିଆ ପଞ୍ଚାୟତ ଦାୟିତ୍ୱରେ ରହିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଚିତ୍ତରଞ୍ଜନ ସିଙ୍କର ଗୁରୁବାର ଆକସ୍ମିକ ମୃତ୍ୟୁ ଘଟିଛି। ତାଙ୍କ ଘର ଶୁଳିଆପଦା ବ୍ଲକ ଅଧୀନ କେଉଟୁଣିମାରି ଗ୍ରାମରେ। ଚିତ୍ତରଞ୍ଜନଙ୍କୁ ହଠାତ ଜ୍ୱର ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ବାରିପଦା ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ବାରିପଦାରେ ବ୍ୟବଚ୍ଛେଦ ପରେ ମୃତଦେହ ପୈତୃକ ଗାଁକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଗାଈ ଜୀବନ୍ତଦଗ୍ଧ ୨ ବଖରା ସହ ବାଇକ୍ ଜଳିଗଲା



ରୂପସା (ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢୀ), ୧।୯-ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗୋଠଗଡ଼ିଆ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଗ୍ରାମର ସନ୍ନ୍ୟାସୀ ବିଶ୍ୱାଳଙ୍କ ଘରେ ନିଆଁ ଲାଗି ୨ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଏଥିସହ ଘରେ ଥିବା ଏକ ବାଇକ ସମ୍ପୂର୍ଣ୍ଣ ଜଳିଯିବା ସହ ଏକ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛି। ଘରେ ସମସ୍ତେ ଶୋଇଥିବା ବେଳେ ବିଦ୍ୟୁତ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପରିବାର ଲୋକେ ଜାଣିପାରି ବସ୍ତା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଆସବାବପତ୍ର, ଲୁଗାପଟା, ବାସନକୁସନ, ଧାନଚାଉଳ ସମେତ ବହୁ ଦରକାରୀ କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଅବସରପ୍ରାପ୍ତ ଡ୍ରାଇଭରଙ୍କୁ ସମ୍ବର୍ଦ୍ଧନା

ପାଟଣା,୧।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡ୍ରାଇଭର ମହାସଂଘ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ରୂପେ ପାଳନ କରିଛନ୍ତି। ଏହି ଅବସରରେ ଶତାଧିକ ଡ୍ରାଇଭର ସାଧୁପଡ଼ା ସନ୍ନିକଟ ବିଶ୍ୱକର୍ମା ଫିଲିଂ ଷ୍ଟେସନରୁ ଏକ ରାଲିରେ ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ରୋଗୀଙ୍କୁ ଫଳ, ବିସ୍କୁଟ ଓ ପାଣି ବଣ୍ଟନ କରିଛନ୍ତି। ସାଧୁପଡ଼ା ଆମ୍ବ ତୋଟାରେ ଅନୁଷ୍ଠିତ ସଭାରେ ପାଟଣା ବ୍ଲକ୍ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଡ୍ରାଇଭରଙ୍କୁ ସମ୍ବର୍ଦ୍ଧିତ କାରାଯାଇଥିଲା। ବ୍ଲକ୍ ସଭାପତି ସଞ୍ଜୟ ଭୂମିଜଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟ ଅତିଥିଭାବେ ପାଟଣା ଥାନା ଏଏସ୍ଆଇ ପଦ୍ମାବତୀ ବିଶ୍ୱାଳ ଯୋଗଦେଇ ରୋଡ୍ ଶେଫ୍ଟି ସମ୍ପର୍କରେ ଡ୍ରାଇଭରମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ଉପସଭାପତି ଝାଡ଼େଶ୍ୱର ମହାନ୍ତ, ଉପଦେଷ୍ଟା ପ୍ରଫୁଲ୍ଲ ମହାନ୍ତ, ସମ୍ପାଦକ ଗୌରାଙ୍ଗ ବେହେରା, ସହ ସମ୍ପାଦକ ଶିବନାଥ ମହାନ୍ତ, କୋଷାଧ୍ୟକ୍ଷ ନିରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

### ଆଶିଷ ଛାତ୍ର କଂଗ୍ରେସର ରାଜ୍ୟ ଉପସଭାପତି



ଭଦ୍ରକ,୧।୯ (ସନାତନ ରାଉତ)- ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟ ଉପସଭାପତି ଭାବେ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଆଶିଷ କୁମାର ମାହୁନ୍ତଙ୍କୁ ପୁନର୍ବାର ମନୋନୀତ କରାଯାଇଛି। ଆଶିଷ ରାଜ୍ୟର ଜଣେ ଟାଣୁଆ ଛାତ୍ରନେତା ଭାବେ ପରିଚିତ। ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ରାଜନୀତି ସହ ଜଡ଼ିତ ଥିବା ଆଶିଷ ପୂର୍ବରୁ ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ଉପସଭାପତି, ଛାତ୍ର କଂଗ୍ରେସର ରାଜ୍ୟ ସଂଯୋଜକ ଓ ଉପସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଆସିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ସେ ଜାତୀୟ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ଛାତ୍ର କଂଗ୍ରେସର ଜାତୀୟ ସଭାପତି ନିରୋଜ କୁନ୍ଦାନ, ଜାତୀୟ ପ୍ରଭାରୀ କହ୍ନେୟା କୁମାର, ଓଡ଼ିଶା ପ୍ରଭାରୀ ଅନୁଲେଖା ବୋସା, ରାଜ୍ୟ ସଭାପତି ୟାଶିର ନୱାଜ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାରଣ୍ଡାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ

- ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
- ୫ ବର୍ଷ ପରେ ବି ରୋଷେଇ ଘର ମରାମତି ହେଉନି

ଚମ୍ପୁଆ,୧।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ୧ ନଂ. ୱାର୍ଡରେ ଥିବା ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶ୍ରେଣୀଗୃହ ଅଭାବରୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବର୍ଷତମାମ ବାରଣ୍ଡାରେ ବସି ଶିକ୍ଷା ଗ୍ରହଣ କରୁଛନ୍ତି। ରତ୍ନଗର୍ଭା ଚମ୍ପୁଆ ସଦର ମହକୁମା ଶିକ୍ଷା ବିଭାଗରେ ଏହି ବିକଳ ଚିତ୍ର ଅତି ଦୁଃଖଦାୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପୋଷଣ କରିଛନ୍ତି।

ସୂଚନା ଅନୁଯାୟୀ, ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରାୟ ୯୯ ଭାଗ ଆଦିବାସୀ ଶ୍ରେଣୀର ଛାତ୍ରୀଛାତ୍ର ରହିଛନ୍ତି। ୩ଟି ଶ୍ରେଣୀଗୃହ ରହିଥିବା ବେଳେ ସେଥିରୁ ଗୋଟେ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ୨ଟିରେ ଶିକ୍ଷାଦାନ କରାଯାଉଛି। ସ୍ଥାନ ପର୍ଯ୍ୟାପ୍ତ ହେଉ ନ ଥିବାରୁ ବାରଣ୍ଡାରେ ପଢ଼ାଯାଉଛି। ଅନେକ ସମୟରେ ଭଙ୍ଗା



ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର, ବାହାରେ ଚାଲିଛି ରୋଷେଇ।

ଘରେ ମଧ୍ୟ ପିଲାଙ୍କୁ ବସାଇ ଶିକ୍ଷାଦାନ କରାଯାଉଛି। ଏଥିସହ ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଭାଙ୍ଗିଯାଇଛି। ଦୀର୍ଘ ୫ ବର୍ଷ ହେବ ରୋଷେଇ ଘରର ଛପର ଗଳିପଡ଼ିଥିବା ବେଳେ ମରାମତି କରାଯାଉନାହିଁ। ପ୍ରଧାନଶିକ୍ଷକ ରଞ୍ଜିତ କୁମାର ପ୍ରଧାନ କହିଛନ୍ତି, ସମସ୍ୟା ସମ୍ପର୍କରେ ଏକ ମାସ ପୂର୍ବେ ଚମ୍ପୁଆ ଏନ୍ଏସିକୁ ଜଣାଇଛି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ପତ୍ର ଆଣିଲେ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଏନ୍ଏସି କର୍ତ୍ତୃପକ୍ଷ କହିଥିବା ସେ କହିଛନ୍ତି। ଚମ୍ପୁଆ ବ୍ଲକ୍ ସହକାରୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ନାଏକ କହିଛନ୍ତି, ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ପିଲା ବାରଣ୍ଡାରେ ବସି ପଢୁଛନ୍ତି। ବିଭାଗ ପକ୍ଷରୁ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ୧ ମାସ ପୂର୍ବରୁ ସମସ୍ୟା ସମାଧାନ ପାଇଁ ଅବଗତ କରିସାରିଛୁ। ବିଜ୍ଞାପିତ ଅଞ୍ଚଳ ପରିଷଦର ସହକାରୀ ଯନ୍ତ୍ରୀ ସୁଧାକର ଦାସ କହିଛନ୍ତି, ଉକ୍ତ ଘଟଣା ବିଷୟରେ ଅବଗତ ଅଛନ୍ତି। ନୂତନ ଶ୍ରେଣୀଗୃହ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ନିମନ୍ତେ ପ୍ରସ୍ତାବ ଦେବା ସହିତ ଗତ ଅଗଷ୍ଟ ୨୫ରେ ୨ ଗୋଟି ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ପ୍ରାୟ ୩୦ ଲକ୍ଷ ଟଙ୍କାର ଅଟକଳ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନୁଦାନ ଆସିଲେ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# 'ଉତ୍ତମ ଛାତ୍ର ଗଢ଼ିବାରେ ମମତା ମଞ୍ଜରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ଶିକ୍ଷୟିତ୍ରୀ ମମତା ମଞ୍ଜରୀ ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବନ୍ତ,୧।୯(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ପଧାନପଡ଼ା ପଞ୍ଚାୟତ ଚଣ୍ଡିପୁରସ୍ଥିତ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସହକାରୀ ଶିକ୍ଷକ ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନ ଓ ଶିକ୍ଷକ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷକ ଅଜୟ କୁମାର ପୃଷ୍ଟି, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗଜେନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତାଜ ଅଲ୍ଲୀ ଖାଁ, ଶିକ୍ଷକ ଧର୍ମେନ୍ଦ୍ର ନାରାୟଣ ଜେନା, ସନାତନ ଦାସ, ମଳୟ ନାୟକ, ଅନିରୁଦ୍ଧ ମଙ୍ଗଳ, ସୁଧୀର ରାଉତ, ନରେନ୍ଦ୍ର ସାହୁ ଓ ନକୁଳ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ଉତ୍ତମ ଛାତ୍ର ଗଠନରେ ଶିକ୍ଷୟିତ୍ରୀ ମମତା ମଞ୍ଜରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଫିରଦୋଷ କାଦ୍ରୀଙ୍କ ସମେତ ପରିଚାଳନା କମିଟିର ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ, ରାସ୍ତା ଶିଳାନ୍ୟାସ



ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର, ୧।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ପୌରପାଳିକା ଅଧୀନ ୯ ନଂ. ୱାର୍ଡ଼ରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ରର ନୂତନ ଗୃହ ଓ ଗୋଟିଏ ରାସ୍ତା ଉଦ୍‌ଘାଟିତ ହୋଇଥିବା ବେଳେ ଅନ୍ୟ ଗୋଟିଏ ନୂତନ ରାସ୍ତା ପାଇଁ ଶୁଭ ଦିଆଯାଇଛି। ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ ପୋଲିସ ଲାଇନ୍ ଛକସ୍ଥିତ ପଢୁଆଁପଦା ଓ କରଞ୍ଜିଆରେ ୨ଟି ଅଙ୍ଗନୱାଡ଼ି କେନ୍ଦ୍ରର ନବନିର୍ମିତ ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ପୃକ୍ତ ଅଞ୍ଚଳର ଝାଡ଼େଶ୍ୱର ସାହୁଙ୍କ ଘରଠାରୁ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ବ୍ୟବହାରରେ ନିର୍ମିତ ରାସ୍ତାକୁ ପୌରାଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ। ଏଥିସହିତ ନିର୍ମଳ ମହାନ୍ତି ପାଚେରି ଓ ଅନନ୍ତ ଜେନାଙ୍କ ଘରଠାରୁ ଆରତୀ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ୧୫୦ମିଟର ଲମ୍ବର ନୂତନ ରାସ୍ତା ନିର୍ମାଣ ପାଇଁ ପୌରାଧ୍ୟକ୍ଷା ଶୁଭ ପ୍ରଦାନ କରିଥିଲେ। ୯ନଂ. ୱାର୍ଡ଼ କାଉନସିଲର ସଞ୍ଜିବ ଦାସଙ୍କ ନେତୃତ୍ୱରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟ ଅଧୀନ ନୂତନ ଅଙ୍ଗନୱାଡ଼ି ଗୃହ ଶିଶୁଙ୍କ ପାଇଁ ବେଶ୍ ସୁରକ୍ଷିତ ହେବ। ଆଗାମୀ ଦିନରେ ମଧ୍ୟ ୱାର୍ଡ଼ର ଜନସାଧାରଣଙ୍କ ସହଯୋଗରେ ଏଭଳି ଉନ୍ନତିମୂଳକ କାର୍ଯ୍ୟଧାରା ଜାରିରହିବ। ଏଥିପାଇଁ ପୌରାଧ୍ୟକ୍ଷା ଭାବେ ସର୍ବଦା ଜନସାଧାରଣଙ୍କ ସହିତ ରହିଛନ୍ତି ବୋଲି ସାହୁ କହିଥିଲେ।

କାଉନସିଲର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଥିଲା। ଦୀର୍ଘଦିନ ଧରି ଦୁଇ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନୂତନ ଗୃହ ଓ ୯ନଂ. ୱାର୍ଡ଼ବାସୀଙ୍କ ପାଇଁ ନୂତନ ରାସ୍ତା ଆବଶ୍ୟକତା ଥିବା ବେଳେ ପୌରାଧ୍ୟକ୍ଷାଙ୍କ ସହଯୋଗରୁ ଏବେ ନିର୍ମାଣ କାର୍ଯ୍ୟ ସ୍ୱଳ୍ପ ଦିନ ମଧ୍ୟରେ ଶେଷ ହୋଇପାରିଥିବା ଦାସ କହିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ସିଡିପିଓ ସାଗରିକା ଦତ୍ତ ଓ ସୁପରଭାଇଜର ଶୁଭଶ୍ରୀ ଦାସ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ

କେନ୍ଦୁଝର,୧।୯(ଦୀପକ ମିଶ୍ର/ ନରେଶ ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ ୨୦୨୩ ସେପ୍ଟେମ୍ବର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀପ୍ରକାଶ ପାଇଛି। ୪ସେପ୍ଟେମ୍ବର ୨୦୨୩ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ୧୧ ସେପ୍ଟେମ୍ବରରେ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟ, ସେପ୍ଟେମ୍ବର ୧୮ରେ ସାହାରପଡ଼ା ବ୍ଲକ୍ କାର୍ଯ୍ୟାଳୟ ଓ ସେପ୍ଟେମ୍ବର ୨୫ରେ ଘଷିପୁରା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ହାତୀପଲ ଭାଙ୍ଗିଲେ ଘର

ଠାକୁରମୁଣ୍ଡା,୧।୯(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳକୁ ପଶି ଆସିଥିବା ୨୨ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଅନେକ ଲୋକଙ୍କ ଘର ଭାଙ୍ଗିବା ସହିତ ଚାଷୀଙ୍କ ଫସଲ ନଷ୍ଟ କରୁଛନ୍ତି। ହାତୀପଲଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି। ୩ ଦିନ ପୂର୍ବରୁ ପଶି ଆସିଥିବା ଏହି ହାତୀପଲଙ୍କ ପାଇଁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଗୁରବାର ରାତିରେ ହାତୀପଲ ତାଳପଦା ଗ୍ରାମ ବ୍ରାହ୍ମଣବେଡ଼ା ସାହିର ରମେଶ ନାଏକଙ୍କ ଘର ଭାଙ୍ଗି ଦେଇଥିବା ବେଳେ କାନ୍ଥ ପଡ଼ ଉକ୍ତ ଘର ଭିତରେ ଥିବା ଗୋଟିଏ ଛେଳିର ମୃତ୍ୟୁ ହୋଇଛି। ଉକ୍ତ ଗ୍ରାମର ସତ୍ୟାନନ୍ଦ ପଲେଇ ଓ ସୁବ୍ରତ ବାରିକଙ୍କ ବୈତାଳୁ ବାଡ଼ିରେ ପଶି ନଷ୍ଟ କରିଛନ୍ତି। ଗ୍ରାମର ବିଶ୍ୱନାଥ ପୂର୍ତ୍ତି, ହୁସେନ ବଂସୁଳିଆଙ୍କ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଜଙ୍ଗଲ ଭିତରକୁ ନ ଯିବା ସହିତ ହାତୀମାନଙ୍କୁ ଆକ୍ରମଣ ନ କରିବାକୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ହାତୀପଲ ଖଣ୍ଡବନ୍ଧ ପଞ୍ଚାୟତ ଅଧୀନ ଗୌରୀଗଦା ଗ୍ରାମର ସୁଦର୍ଶନ ପାତ୍ର, ପୁରେନ୍ଦ୍ର ମହାନ୍ତ, ପୁରୁଷୋତ୍ତମ ମହାନ୍ତଙ୍କ ଘର ଭାଙ୍ଗି ଧାନ ଓ ଚାଉଳ ଖାଇଦେଇଛନ୍ତି।

# ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଡ୍ରାଇଭର ଦିବସ



ଡ୍ରାଇଭର ଦିବସ ପାଳନ ଅବସରରେ ଓଡ଼ିଶା ଡ୍ରାଇଭର ମହାସଂଘର ଯୋଡ଼ା ଶାଖା କର୍ମକର୍ତ୍ତା।

ଯୋଡ଼ା,୧।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଓଡ଼ିଶା ଡ୍ରାଇଭର ମହାସଂଘ ଯୋଡ଼ା ବ୍ଲକ୍ ଶାଖା ତରଫରୁ ସେପ୍ଟେମ୍ବର ୧ ତଥା ଶୁକ୍ରବାର ଡ୍ରାଇଭର ଦିବସ ପାଳନ କରାଯାଇଛି। ଯୋଡ଼ା ଶାଖାର ରାହୁଲ ମହାରଣା ଓ ଜୟନ୍ତ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଡ୍ରାଇଭର ଯୋଗଦେଇଥିଲେ। ଏହି ଅବସରରେ ଯୋଡ଼ା ପୌରପାଳିକା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିରାଟ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଟ୍ରାଫିକ ନିୟମ ମାନିବା, ମଦ୍ୟପାନ କରି ଗାଡ଼ି ଚାଳନା ନକରିବା, ସିଟ ବେଲଟ ପିନ୍ଧିବା, ବାଇକ ଚାଳନା ସମୟରେ ହେଲମେଟ ବ୍ୟବହାର କରିବା ଭଳି ବିଭିନ୍ନ ନିୟମ ଉପରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘ ସଦସ୍ୟ ଜିତେନ୍ଦ୍ର ଜିତ, ମହେନ୍ଦ୍ର ତ୍ରୁଟି, କାର୍ତ୍ତିକା ନାଏକ, କାନ୍ତି କୁମାର ଦତ୍ତା ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ସରିଲା ସୁବର୍ଣ୍ଣ ଜୟନ୍ତୀ ସମାରୋହ

## ଉଦଳା ଏନ୍ଏସି

ଉଦଳା,୧।୯(ସନ୍ତୋଷ କୁମାର ବାଛିନୀ)

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି , ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ , ଜିଲାପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଦିବ୍ୟାରତ୍ନା ଦାସ, ନଗରପାଳ ପ୍ରମିଳା ପଣ୍ଡା ଏବଂ ଉପ-ନଗରପାଳ ଲିଲି ଭୋଳ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ମାର୍ଣ୍ଡି ଏନ୍ଏସିର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଏନ୍ଏସିର ପୂର୍ବତନ ନଗରପାଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ-ନଗରପାଳ ଲିଲି ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆରଡ଼ି, ୧।୯ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସେବାନିବୃତ୍ତ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତା ଓ ରଞ୍ଜୀବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଧୁଷୁରୀ ମୂରଲୀଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ସରପଞ୍ଚ ପ୍ରଫୁଲ୍ଲ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ, ପୂର୍ବତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦେବବ୍ରତ ରାଉତ, ନିକୁଞ୍ଜ ବିହାରୀ କର, ମଙ୍ଗୁଳି ସେଠୀ, ପହଣା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମିନତିଲତା ପାକଳ ଅତିଥି ପରିଚୟ ଦେଇଥିଲେ।



ସଭାରେ ଉପସ୍ଥିତ ଅତିଥିଙ୍କ ସହ ବିଦାୟୀ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ।

# ସମୟର ସୁବିନିଯୋଗ ଛାତ୍ରୀଛାତ୍ରଙ୍କ ପ୍ରଧାନ କର୍ତ୍ତବ୍ୟ

ସିମୁଳିଆ, ୧।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବରିରୋଡ଼ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମଚାରୀ ସୁଶ୍ରୀ ଶିବାନୀଙ୍କ ଚତୁର୍ଥ ସ୍ମୃତି ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବା ଓ କର୍ତ୍ତବ୍ୟ ମନୋଭାବ ସୃଷ୍ଟି ଉଦ୍ଦେଶ୍ୟରେ ଅନୁଷ୍ଠିତ ସାଧାରଣ ଉତ୍ସବରେ ଶିବାନୀ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ସିମୁଳିଆ ବ୍ଲକର ବିଭିନ୍ନ ୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଶିବାନୀଙ୍କ ପିତା ତଥା ପ୍ରାକ୍ତନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଗ୍ରହଣର ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦେବା ସହିତ ସମୟର ସୁବିନିଯୋଗ ଛାତ୍ରୀଛାତ୍ରମାନଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ। ଅତିଥି ରୂପେ ଖଡ଼ିଗଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶିବପ୍ରସାଦ ପଣ୍ଡା ଓ ବସନ୍ତ କୁମାର ମହାରଣା ଛାତ୍ରୀଛାତ୍ରମାନଙ୍କ ଚରିତ୍ର ଗଠନ, ସଂସ୍କାର ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଛାତ୍ରୀଛାତ୍ରମାନେ ନିଜର ଆଗାମୀ ଲକ୍ଷ୍ୟ ସମ୍ପର୍କରେ ସଚେତନତା ରହିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗତ




ବିଭିନ୍ନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

## ସ୍ମୃତି ସମାରୋହରେ ୫ କୃତୀ ସମ୍ମାନିତ

ମାଟ୍ରିକ ପରୀକ୍ଷାରେ କୃତୀ ବରି ସରକାରୀ ବିଦ୍ୟାଳୟର ଅବିସ୍ମରଣ ମହାରଣା, ବରିହା ସାଇ ଦୁଃଖିଶଙ୍ଖାଳୀ ହାଇସ୍କୁଲର ଛାତ୍ର ମଦନ ସାହୁ, ବଣା ପଦ୍ମାବତୀ ହାଇସ୍କୁଲର ତାପସ୍ମିତା ବେହେରା ଓ ଈଶ୍ୱରପୁର ହାଇସ୍କୁଲର ଜସ୍ମିନ ବାରିକଙ୍କୁ ଉତ୍ତରୀୟ, ମାନପତ୍ର ସହିତ ଶବ୍ଦକୋଷ ପୁସ୍ତକ ପ୍ରଦାନ କରାଯାଇଥିଲା। ସୂଚନା ଯେ, ସିମୁଳିଆ ବ୍ଲକ ବରିରୋଡ଼ ଅଞ୍ଚଳର ଶିବାନୀ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସିକନ୍ଦରାବାଦ ମେଡିକାଲର ସ୍ୱାସ୍ଥ୍ୟ କର୍ମଚାରୀ ରୂପେ କାର୍ଯ୍ୟ କରୁଥିବା ବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ମାତ୍ର ୨୮ବର୍ଷରେ ପ୍ରାଣ ହରାଇଥିଲେ।

**ବାଇକ୍ ଚୋରି**

ବାହାନଗା, (ଅରୂପ୍ କୁମାର ଦାସ): ବାଲେଶ୍ୱର ଜିଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଓଳିଆପାଟଣା ଗ୍ରାମର ମନୋରଞ୍ଜନ ବାରିକଙ୍କ ବାଇକ୍ (ନଂ. ଓଡି୦୧ଏନ-୫୮୯୭)କୁ ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।



## ସଂକ୍ଷେପରେ

### ଗଣ୍ଡିବେଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ନେଇ ଆଲୋଚନା

ଖଇରା, ୧।୯(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖରାପ ହୋଇପଡିଥିବା ଲାଇଟକୁ ସଜାଡିବା, ଦୁଇ ବେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୋଲା ରଖିବା, ପରିବେଶକୁ ପରିଷ୍କାର ରଖିବା ଉପରେ ଭାରପ୍ରାପ୍ତ ଅଧିକାରୀ ଡା. ଦେବକାନ୍ତ ପାତ୍ରଙ୍କ ସହ ଜିଲା ପରିଷଦ ମାନସ ଦାଶ, ମହିଳାନେତ୍ରୀ ଶିବାନୀ ମହାନ୍ତି, ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ। ପରେ ବିଶିଷ୍ଟ ପରିବେଶବିତ୍ ପଦ୍ମଲୋଚନ ଜେନା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା, କୁନୁ ଜେନା, ଚିନ୍ମୟ ବେହେରାଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ ଓ ଚାରାରୋପଣ କରାଯାଇଥିଲା।

### ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

**ଏସ୍‌ଟି, ଏସ୍‌ସି ବିଭାଗ ପରିଚାଳିତ ବିଦ୍ୟାଳୟ**

କେନ୍ଦୁଝର,୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଏସ୍‌ଟି, ଏସ୍‌ସି ବିଭାଗ ଅଧୀନରେ ପରିଚାଳିତ ଏକ ବାଳିକା ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ସଦର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୨୯୫/୨୩) ରୁଜୁ କରି ଧିରଜ ମନ୍ତ୍ରୀ(୧୯) ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକା ଦୁଇମାସର ଗର୍ଭବତୀ ଥିବା ବେଳେ ଅଭିଯୁକ୍ତ ବିରୋଧରେ ବଳାତ୍କାର ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାଏ ସୂଚନା ଦେଇଛନ୍ତି। ଗିରଫ ଯୁବକ ତାଙ୍କ ସମ୍ପର୍କୀୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ କାଉନ୍‌ସେଲିଂ କରିବା ସହ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯାଉଛି। ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଅଖିଳ ଭାରତ କୃଷକ ସଭାର ଗଣଧାରଣା

ତିହିଡ଼ି,୧।୯(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ତହସିଲ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଅଖିଳ ଭାରତ କୃଷକ ସଭା ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସିପିଆଇର ତିହିଡ଼ି ଆଞ୍ଚଳିକ କମିଟି ସହଯୋଗରେ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ପୁରୁଣାହାଟଠାରୁ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମିଟି ସମ୍ପାଦକ ସନ୍ତଚରଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଜିଲା ସମ୍ପାଦକ ଶୁଭେନ୍ଦୁ ପ୍ରତାପ ମହାନ୍ତି, ଶିକ୍ଷକ ସଂଘ ନେତା ବଳରାମ ମିଶ୍ର, କୃଷକ ସଭାର ତିହିଡ଼ି ଜୋନ୍ ସଭାପତି ରବୀନ୍ଦ୍ର ବାରିକ, ପୀରହାଟ ଶାଖା ସମ୍ପାଦକ ସନାତନ ଦାସ, ଯୁବନେତା ସ୍ନେହାଶିଷ ବିଶ୍ୱାଳ ପ୍ରମୁଖ ସ୍ୱାମୀନାଥନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା, କୃଷି ଋଣ ଛାଡ଼ ଆଦି ଦାବି ଉପସ୍ଥାପନ କରିଥିଲେ। ଉପେନ୍ଦ୍ର ବେହେରା, ସୁରେନ୍ଦ୍ର ରାଉତ, ଶରତ ପାଣ୍ଡବ, ସୁକାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ପ୍ରତୀକ ସାହୁଙ୍କୁ ପ୍ରଦାନ କରାଯାଇଛି।

# ଅନ୍ଧାରରେ ଚାଇଲ୍ଡଲାଇନ କର୍ମଚାରୀଙ୍କ ଜୀବନଜୀବିକା

ଖଇରା, ୧।୯(ଉତ୍କଳବନ୍ଧୁ ପଣ୍ଡା)

ସ୍ୱେଚ୍ଛାସେବୀ ସଙ୍ଗଠନ ତତ୍ତ୍ୱାବଧାନରେ ଚାଲିଆସୁଥିବା ଚାଇଲ୍ଡଲାଇନ ସଂସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ମହିଳା ଶିଶୁ ବିକାଶ ବିଭାଗ ନୂଆ ନିୟମ ଆଣିବା ପରେ ୧ତାରିଖରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିୟନ୍ତ୍ରଣକୁ ଯାଇଛି। ଫଳରେ ଜିଲାର ଖଇରା ଓ ବାଲିଆପାଳରେ କାର୍ଯ୍ୟକ୍ଷମ ଥିବା ୨ ଚାଇଲ୍ଡଲାଇନ ୟୁନିଟ୍‌ର ୧୦ଜଣ ସଦସ୍ୟ ନିଯୁକ୍ତି ହରାଇଛନ୍ତି। ଏବେ ନିଯୁକ୍ତି ହରାଇବା ପରେ ଏମାନଙ୍କ ଉପରେ ନିର୍ଭର କରି ଚଳୁଥିବା ପରିବାର ସଦସ୍ୟଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ୨୩ବର୍ଷ ଧରି ନିରନ୍ତର ସେବା ଦେଇଆସିଥିବା କେବଳ ଖଇରା ନୁହେଁ ସାରା ରାଜ୍ୟର ୫ଶହ ଯୁବତୀଯୁବକମାନେ ଚାକିରି ହରାଇ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି।

ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ, ବେଆଇନ ଯୁବତୀ ଚାଲାଣ ରୋକିବା ଆଦି ସମ୍ବେଦନଶୀଳ କାର୍ଯ୍ୟ ଖଇରାର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ପରିଚାଳିତ ଚାଇଲ୍ଡଲାଇନ ୟୁନିଟ୍‌କୁ ପ୍ରଦାନ କରାଯାଇଥିଲା। ରାତି ହେଉ କି ଦିନ ହେଉ ଟୋଲ ଫ୍ରି ନମ୍ବର(୧୦୯୮)ରେ ଫୋନ ଆସିବା ମାତ୍ରେ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ ଦୂରଦୂରାନ୍ତ ସ୍ଥାନକୁ ଯାଇ ଉଦ୍ଧାର କାର୍ଯ୍ୟରେ ସାମିଲ ହେଉଥିଲେ। ଘଟଣାକ୍ରମେ କେନ୍ଦ୍ର ସରକାର ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନ ନିଷ୍ପତ୍ତିରେ ପରିବର୍ତ୍ତନ କରି ଚାଇଲ୍ଡଲାଇନକୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅଧୀନରୁ ଆଣି ଜିଲାସ୍ତରର ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନ୍ୟସ୍ତ କରିଛନ୍ତି। ପୁରୁଣା



ଜୀବିକା ହରାଇଥିବା ଚାଇଲ୍ଡ ଟିମ୍‌ର ସଦସ୍ୟା ସଦସ୍ୟ।

**ସରକାର ବୁଝିଲେନି ୨୩ ବର୍ଷ ସେବାର ମୂଲ୍ୟ**

କର୍ମଚାରୀଙ୍କୁ ଛଟେଇ କରାଯିବା ନେଇ ଅଗଷ୍ଟ ୩୧ ତାରିଖରେ ପ୍ରକାଶିତ ଚିଠିରେ ଉଲ୍ଲେଖ କରାଯାଇଛି। ନ୍ୟାୟ ପାଇଁ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିଭାଗ ସମେତ ଅଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସରକାର ଏ ସମ୍ପର୍କରେ ପୁରୁଣାରୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ନ କରନ୍ତି, ତେବେ କର୍ମଚାରୀମାନେ ପରିବାର ସହ ଧାରଣାରେ ବସିବେ ବୋଲି ଖଇରାରେ କାର୍ଯ୍ୟରତ ଟିମ୍ ଲିଡର ତପସ୍ୱିନୀ ରାଉତ, ଟିମ୍ ସଦସ୍ୟା ସାୟଂପ୍ରଭା ଦଳେଇ, ଜ୍ୟୋତି ପ୍ରକାଶ କର, ପଞ୍ଚାନନ ତ୍ରିପାଠୀ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୨୫୧ଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା

**୨ କୋଟି ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବଣ୍ଟନ**

କେନ୍ଦୁଝର,୧।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ମଣ୍ଡୁଆସ୍ଥିତ ସଂସ୍କୃତି ଭବନରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଣ୍ଟନ କରାଯାଇଛି। ସଦର ବ୍ଲକ୍‌ର ୨୫୧ ନିର୍ମାଣ ଶ୍ରମିକଙ୍କୁ ମୋଟ ୨ କୋଟି ୭ ଲକ୍ଷ ୨୪ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ। ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥିଭାବେ ସଦର ବିଧାୟକ ମୋହନ ମାଝୀ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକାଶ ସାହୁ, ଜିଲା ପରିଷଦ ସଭ୍ୟ ରଥ ମୁଣ୍ଡା ଯୋଗଦେଇ କଲ୍ୟାଣକାରୀ ଯୋଜନାରେ ଦୁର୍ଘଟଣା ଜନିତ, ମୃତ୍ୟୁ, ଅନ୍ତେଷ୍ଟିକ୍ରିୟା, ଶିକ୍ଷାବୃତ୍ତି, ଚିକିତ୍ସା, ବିବାହ, ଶିକ୍ଷାବୃତ୍ତି, ପ୍ରସୂତିକାଳୀନ ସହାୟତା ରହିଥିବା କହିଥିଲେ। ଚମ୍ପୁଆ ସହ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୧୦ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୧ ଲକ୍ଷ ୩୯ ହଜାର ୪୦୦ ଟଙ୍କା, ବିବାହ ସହାୟତା ୭୧ ହିତାଧିକାରୀଙ୍କୁ ୩୫ ଲକ୍ଷ ୨୫ ହଜାର, ପ୍ରସୂତି କାଳୀନ ସହାୟତା ବାବଦରେ ୯ ଜଣଙ୍କୁ ୯୦ ହଜାର, ମୃତ୍ୟୁକାଳୀନ ସହାୟତା ୮୬ ଜଣଙ୍କୁ ୧ କୋଟି ୬୬ ଲକ୍ଷ, ୭୫ ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୩ ଲକ୍ଷ ୭୦ ହଜାର ଟଙ୍କା ବଣ୍ଟନ କରାଯାଇଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ଭାଇ**

ବାଲେଶ୍ୱର, ୧।୯ (ମାନସ ବିଶ୍ୱାଳ)- ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ସହଦେବଖୁଣ୍ଟା ଅଞ୍ଚଳର କୁଅଁ ଛକରେ ଥିବା ରାଜେଶ ପଣ୍ଡାଙ୍କ ସ୍ତ୍ରୀ ଇତିଶ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ଇତିଶ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଦାଗ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଇତିଶ୍ରୀଙ୍କ ମୃତଦେହ ଜବତ କରିବା ସମୟରେ ଏକ ସୁଇସାଇଡ଼ାଲ ନୋଟ୍ ଜବତ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଆଜିମାବାଦ ଅଞ୍ଚଳର ହରିଚନ୍ଦନ ତିୱାରୀଙ୍କ ଝିଅ ଇତିଶ୍ରୀଙ୍କୁ ୩ବର୍ଷ ପୂର୍ବେ ସହଦେବଖୁଣ୍ଟା ଅଞ୍ଚଳର ରାଜେଶ ପଣ୍ଡା ବିବାହ କରିଥିଲେ। ବିଭିନ୍ନ ସମୟରେ ଅଧିକ ଯୌତୁକ ପାଇଁ ଇତିଶ୍ରୀଙ୍କୁ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ରାକ୍ଷୀ ପୂର୍ଣ୍ଣିମାରେ ଇତିଶ୍ରୀ ବାପ ଘରକୁ ଯାଇଥିଲେ। ସେଠାରୁ ଶାଶୁ ଘରକୁ ଫେରିବା ପରେ ଶୁକ୍ରବାର ହଠାତ୍ ତାଙ୍କ ମୃତ୍ୟୁ ସମ୍ପର୍କରେ ବାପ ଘରକୁ ଶାଶୁ ଘର ଲୋକେ ଖବର ଦେଇଥିଲେ। ବାପ ଘର ଲୋକ ପହଞ୍ଚି ଶୋଇବା ଘରେ ଏକ ଖଟରେ ଝିଅର ମୃତଦେହ ରଖାଯାଇଥିବା ଦେଖିଥିଲେ। ଇତିଶ୍ରୀ ଆଣ୍ଠୁ, ହାତ ଓ ଗୋଡ଼ରେ ଦାଗ ଦେଖି ଝିଅକୁ ପିଟି ପିଟି ହତ୍ୟା କରାଯାଇଥିବା ସନ୍ଦେହ କରି ଭାଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଶାଶୁଘର ଲୋକ ଶବକୁ ନେଇ ନ ଥିବା ବେଳେ ବାପଘର ଲୋକ ଶବ ସତ୍କାର କରିଥିଲେ।

# ମୟୂରଭଞ୍ଜ କାଇ ପିମ୍ପୁଡ଼ି ଚଟଣିକୁ ମିଳିବ ଜିଆଇ ଟ୍ୟାଗ୍ ମାନ୍ୟତା



ବାରିପଦା,୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର କାଇ ପିମ୍ପୁଡ଼ି ଚଟଣିକୁ ଭୌଗୋଳିକ ପରିଚୟ(ଜିଆଇ ଟ୍ୟାଗ୍ ମାନ୍ୟତା) ମିଳିବା ଲାଗି ପଥ ପରିଷ୍କାର ହୋଇଛି। କାଇ ପିମ୍ପୁଡ଼ି ଚଟଣିରେ ଔଷଧୀୟ ଗୁଣ ରହିଥିବାରୁ ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ନେଇ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମାନ୍ୟତା ମିଳିଲେ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଏନେଇ ଜିଲାରେ ଖୁସିର ଲହରି ଖେଳିଯାଇଛି। ମୟୂରଭଞ୍ଜ କାଇ ସୋସାଇଟି କାଇ ଚଟଣିକୁ ଭୌଗୋଳିକ ପରିଚୟ ପ୍ରଦାନ ଲାଗି ଆବେଦନ କରିଥିବା ବେଳେ ଭୁବନେଶ୍ୱର ଓୟୁଏଟି ପକ୍ଷରୁ ଏହାକୁ ଉପସ୍ଥାପନ କରାଯାଇଥିଲା। ତେବେ ୩ ମାସ ମଧ୍ୟରେ ଏହି ମାନ୍ୟତା ପ୍ରଦାନ କରାଯିବ ବୋଲି ଓୟୁଏଟି ସୂତ୍ରରୁ ଜଣାପଡ଼ିଛି।

ବଣ ଜଙ୍ଗଲ ପରିବେଷ୍ଟିତ ମୟୂରଭଞ୍ଜ ଜିଲାରେ ଆଦିବାସୀମାନଙ୍କର ଖାଦ୍ୟ ରୂପେ କାଇ ଚଟଣିର ଆଦର ରହିଛି। ଏହି ଖାଦ୍ୟରେ ଔଷଧୀୟ ଗୁଣ ଭରପୂର ରହିଥିବାରୁ ଏହାକୁ ସାଧାରଣ ଲୋକେ ମଧ୍ୟ ବ୍ୟବହାର କରିଥାନ୍ତି। କାଇ ପିମ୍ପୁଡ଼ିକୁ ଲୋକେ ସଂଗ୍ରହକରି ଚଟଣି ମାଧ୍ୟମରେ ଏହାକୁ ଖାଇଥାନ୍ତି। ଏହାକୁ ଖାଇଲେ ଥଣ୍ଡାଜନିତ ନିମୋନିଆ, ଶ୍ୱାସ ଆଦି ରୋଗରୁ ଉପଶମ ମିଳିଥାଏ। ଏପରିକି କୋଭିଡ୍-୧୯ ସମୟରେ ଏହି ଚଟଣିକୁ ବ୍ୟବହାରକରି ବହୁ ଆଦିବାସୀ ସମ୍ପ୍ରଦାୟର ଲୋକ କରୋନା ମହାମାରୀରୁ ଆଶ୍ୱସ୍ତି ଲାଭ କରିଥିବା କୁହାଯାଉଛି। ଏହି ଚଟଣି ଖାଇଲେ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଏହାର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବା ସହ ହାଟବଜାରରେ ଏହାର ଚାହିଦା ବଢ଼ିଚାଲିଥିବା ଦେଖିବାକୁ ମିଳୁଛି। ବିଶେଷକରି ଆଦିବାସୀମାନେ ଏହାକୁ ପତ୍ରଠୋଲାରେ ବିକ୍ରିକରି ପରିବାର ଭରଣପୋଷଣ କରିଥାନ୍ତି।

# ଅମର୍ଦା ଏୟାରଷ୍ଟ୍ରିପ୍‌ରୁ ଖୁବ୍‌ଶୀଘ୍ର ଉଡ଼ିବ ବିମାନ

ବାରିପଦା,୧।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅମର୍ଦା ଏୟାରଷ୍ଟ୍ରିପ୍‌ରୁ ଖୁବ୍‌ଶୀଘ୍ର ବିମାନ ଉଡ଼ିବ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ସୂଚନା ଦେଇଛନ୍ତି। ଏହା ହେଲେ ଜିଲାବାସୀଙ୍କ ସମେତ ଉତ୍ତର ଓଡ଼ିଶାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୟୂରଭଞ୍ଜ ବାସୀଙ୍କ ଦୀର୍ଘ ଦିନର ଦାବି ପରେ ଗତ ଅଗଷ୍ଟ ୨୫ ତାରିଖରେ ରାଜ୍ୟ ସରକାର ଜମି ବାବଦରେ ୨୬ କୋଟି ଟଙ୍କା ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଦେଇଛନ୍ତି। ମନ୍ତ୍ରଣାଳୟ ମୟୂରଭଞ୍ଜ ଜିଲାପାଳଙ୍କୁ ଜମି ହସ୍ତାନ୍ତର କରିବା ନେଇ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହା ସହିତ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୧୬୦.୩୫ ଏକର ଜମିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇ ଏହାର ପୁନରୁଦ୍ଧାର ସହିତ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଗଲା ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଯଥାଶୀଘ୍ର ଏହି ବିମାନ ବନ୍ଦର କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର, ଭଦ୍ରକ, ଖଡଗପୁର ସମେତ ଟାଟା ନଗର ପର୍ଯ୍ୟନ୍ତ ଅଞ୍ଚଳବାସୀ ସୁବିଧା ସୁଯୋଗ ପାଇ ପାରିବେ। ସେମାନଙ୍କୁ ଭୁବନେଶ୍ୱର,କୋଲକାତା କିମ୍ବା ରାଞ୍ଚିକୁ ଯିବା ପାଇଁ ପଡିବ ନାହିଁ। କମ୍ ସମୟ ମଧ୍ୟରେ ରାସଗୋବିନ୍ଦପୁରଠାରୁ ଭାରତର ବିଭିନ୍ନ ଜାଗାକୁ ଯାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ କହିଛନ୍ତି।

# ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ ପ୍ରତିବାଦରେ ରାସ୍ତାରୋକୋ

**୫ ଜଣଙ୍କ ନାଁରେ ହତ୍ୟା ମାମଲା**

ବାସୁଦେବପୁର, ୧।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର କାଞ୍ଜିଖିଆ ଗ୍ରାମରେ ଆକ୍ରମଣରେ ଗୁରୁତର ଥିବା ଜୟକୃଷ୍ଣ ବାରିକ(୭୦)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ କଲ୍ୟାଣପୁର ଛକଠାରେ ରାସ୍ତାରୋକୋ କରିଥିଲେ। ମୃତ ଜୟକୃଷ୍ଣଙ୍କ ପୁଅ ମୁକ୍ତିକାନ୍ତଙ୍କ ଅଭିଯୋଗକ୍ରମେ ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ୫ ଜଣଙ୍କ ନାଁରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଗଷ୍ଟ ୨୫ରେ ଗଣ୍ଡଗୋଳ ବେଳେ ଅପରପକ୍ଷର ଲୋକଙ୍କ ମାଡ଼ରେ ତାଙ୍କ ବାପା ଗୁରୁତର ଥିବାବେଳେ ଶୁକ୍ରବାର ମୃତ୍ୟୁ ଘଟିଥିବା ମୁକ୍ତିକାନ୍ତ ଏତଲାରେ ଦର୍ଶାଇଛନ୍ତି। ଜୟକୃଷ୍ଣଙ୍କୁ ମାଡ଼ ମାରିବା ଘଟଣାରେ ୫ ବ୍ୟକ୍ତି ଓ ଅନ୍ୟ କେତେଜଣ ସହଯୋଗୀ ସମ୍ପୃକ୍ତ ଥିବା ମୁକ୍ତିକାନ୍ତଙ୍କ ଅଭିଯୋଗକ୍ରମେ ଥାନାରେ ହତ୍ୟା ମାମଲା (ନଂ.୪୯୯/୨୩) ରୁଜୁ ହୋଇଛି।

ପ୍ରକାଶ ଯେ, ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମୁକ୍ତିକାନ୍ତଙ୍କ ପରିବାର ଓ ଅପରପକ୍ଷ ମଧ୍ୟରେ ବିବାଦ ଥିଲା। ଗତ ୨୫ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାର୍‌ପିଟ୍ ହୋଇଥିଲା। ମୁକ୍ତିକାନ୍ତଙ୍କ ଅଭିଯୋଗମୂଳେ ୨୬ତାରିଖରେ ଅପରପକ୍ଷର ୯ ଜଣଙ୍କ ନାମରେ ମାମଲା (ନଂ.୪୯୦/୨୩) ରୁଜୁ ହୋଇଥିଲା। ସେହିପରି ହେମଲତା ବେହେରାଙ୍କ ପାଲଟା ଅଭିଯୋଗକ୍ରମେ ୨୯ ତାରିଖରେ ଅପରପକ୍ଷର ୧୫ଜଣଙ୍କ ନାମରେ ମାମଲା (ନଂ.୪୯୪/୨୩) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ସୁଗୋ ପଞ୍ଚାୟତରେ ଉତ୍ତେଜନା ଲାଗି ରହିଥିଲା। ଜୟକୃଷ୍ଣଙ୍କ ମୃତ୍ୟୁ ପରେ ପଞ୍ଚାୟତରେ ଭୟର ବାତାବରଣ ଦେଖାଦେଇଛି। ଏ ସମ୍ପର୍କରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା କହିଛନ୍ତି, ମୃତ ବ୍ୟକ୍ତିଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ କରାଯାଉଛି।

## ଧାମନଗରରେ ନୂତନ ସିଡିପିଓ

ଧାମନଗର,୧।୯ (ଦେବେନ୍ଦ୍ର ଆଦିଆ)- ଭଦ୍ରକ ଜିଲା ଧାମନଗରସ୍ଥିତ ସମନ୍ୱିତ ମହିଳା ଓ ଶିଶୁ ବିକାଶ କେନ୍ଦ୍ରରେ ନୂତନ



ଅଧିକାରିଣୀ ଭାବେ ଧରିତ୍ରୀ ପାଣିଗ୍ରାହୀ ଶୁକ୍ରବାର ଯୋଗ ଦେଇଛନ୍ତି। ଦୀର୍ଘଦିନ ଧରି ଧାମନଗର ସିଡିପିଓ କାର୍ଯ୍ୟାଳୟରେ ଏହି ପଦବୀ ଖାଲି ପଡ଼ିଥିଲା। ସେ ଯୋଗଦେବା ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସିଡିପିଓ ପାଣିଗ୍ରାହୀ ପୂର୍ବରୁ ବଲାଙ୍ଗିର ଜିଲାରେ ଅବସ୍ଥାପିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ଲକି


@ଲିପିକା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଘଟଗାଁ ସରପଞ୍ଚ ସଂଘ ବୈଠକ

ଢେଙ୍କିକୋଟ,୧।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌ର ସରପଞ୍ଚ ସଂଘର ବୈଠକ ଶୁକ୍ରବାର ଢେଙ୍କିକୋଟ୍ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ସରପଞ୍ଚ ସଂଘର ଉପଦେଷ୍ଟା ସରପଞ୍ଚ ଗୌରହରି ନାଏକ, ସମ୍ମାନନୀୟ ଅତିଥିଭାବେ ଉପଦେଷ୍ଟା କମିଟିର ସଦସ୍ୟ ଚତୁର୍ଭୁଜ ନାୟକ, ଗଣେଶ୍ୱର ନାଏକ ପ୍ରମୁଖ ଯୋଗଦେଇଥିଲେ। ଘଟଗାଁ ବ୍ଲକ୍ ସରପଞ୍ଚ ସଂଘର ସଭାପତି ଗଣେଶ୍ୱର ନାଏକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲା ଓ ବ୍ଲକ୍ ସରପଞ୍ଚ ସଂଘର କୋଷାଧ୍ୟକ୍ଷ ଦୁଃଶାସନ ନାୟକ ସଭା ପରିଚାଳନା କରିଥିଲେ। ବୈଠକରେ ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତର ସମସ୍ତ ସରପଞ୍ଚ ଭଉଣୀଭାଇ ଯୋଗଦେଇ ବୈଠକକୁ ସଫଳ କରିଥିଲେ। ଢେଙ୍କିକୋଟ ସରପଞ୍ଚ ଖଇର ନାଏକ ସହଯୋଗ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ସଫେଇ କର୍ମଚାରୀ ନିଲମ୍ବିତ

**ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସଚିବ**


ଜିଲାପାଳ ଆଶିଷ ଠାକ୍‌ରେ ଚିକିତ୍ସାଳୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଘସିପୁରା,୧।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଓ କାର୍ଯ୍ୟରେ ଅବହେଳା ନେଇ ୬ ସଫେଇ କର୍ମଚାରୀଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ୍ ଅଚାନକ ଚିକିତ୍ସାଳୟ ଗସ୍ତ କରିବା ସମୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦୃଷ୍ଟିଗୋଚର ହୋଇଥିଲା। ଏହି କାରଣରୁ ଜିଲା ପ୍ରଶାସନ ୬ ସଫେଇ କର୍ମଚାରୀଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ବ୍ୟତୀତ ସଫେଇ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି।

ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ସଚିବଙ୍କର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ବାଟରେ ଆନନ୍ଦପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଗୁରୁବାର ୫ ମିନିଟ୍ ରିଫ୍ରେସ୍‌ମେଣ୍ଟ କାର୍ଯ୍ୟକ୍ରମ ରହିଥିଲା। ସଚିବ ଡାକବଙ୍ଗଳାରୁ ବାହାରି ହଠାତ ଆନନ୍ଦପୁର ଚିକିତ୍ସାଳୟରେ ପହଞ୍ଚିଥିଲେ। ପ୍ରଥମେ ମାତୃ ଓ ଶିଶୁ ରୋଗ ବିଭାଗ ବୁଲି ଦେଖିବା ସହିତ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ମହିଳା ଓ ପୁରୁଷ ମେଡିସିନ୍ ୱାର୍ଡ ବୁଲି ଦେଖିବା ସହିତ ଚିକିତ୍ସାଳୟରେ ଚାଲିଥିବା ବିଭିନ୍ନ ମରାମତି କାର୍ଯ୍ୟର ତଦାରଖ କରିଥିଲେ। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଚିକିତ୍ସାଳୟର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଶୁକ୍ରବାର ଜିଲାପାଳ ଆଶିଷ ଠାକ୍‌ରେ ଉପଖଣ୍ଡ ଚିକିତ୍ସାଳୟ ଗସ୍ତ କରି ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟ ସଚିବଙ୍କ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଗସ୍ତ କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ସେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜିଲାପାଳଙ୍କ ସହିତ ଆଲୋଚନା କରି ଫେରିଯାଇଥିବା ସୂଚନା ମିଳିଛି।

